## ଘର ଜଳିଗଲା

ଠାକୁରମୁଣ୍ଡା,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ପାଣପୋଷୀ ଗ୍ରାମ ଡୁଙ୍ଗୁରିସାହିର ଗଜେନ୍ଦ୍ର ହୋ'ଙ୍କ ଘରେ ଶନିବାର ପ୍ରାୟ ୩ଟା ସମୟରେ ନିଆଁ ଲାଗିଯିବା ଯୋଗୁ ଘରଟି ସମ୍ପୂର୍ଣ୍ଣ ଭାବରେ ପୋଡିଯାଇ ନଷ୍ଟ ହୋଇଯାଇଛି। ଘରେ ନିଆଁ ଲାଗିବା ସମୟରେ ଗଜେନ୍ଦ୍ର ଘର ଭିତରେ ଶୋଇ ଥିବା ବେଳେ ଘରେ ଆଉ କେହି ନ ଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ତାଙ୍କ ଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା। ତାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି।



# ମାନ୍ୟତା ମିଳିଛି, ବିକାଶ ନାହିଁ

ନୀଳାଦ୍ରି ବିହାରୀ ଦଣ୍ଡପାଟ
ବାରିପଦା ଅଫିସ, ୨।୧

କଳା ଓ ସଂସ୍କୃତି କ୍ଷେତ୍ରରେ ମୟୂରଭଞ୍ଜ ଜିଲା ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାରେ ରାଜରାଜୁଡା କାଳରୁ ଗଢି ଉଠିଥିବା ରାଜପ୍ରାସାଦ, ମଠ, ମନ୍ଦିର, ଶିକ୍ଷାନୁଷ୍ଠାନ, ଗମନାଗମନ, ଶିଳ୍ପାନୁଷ୍ଠାନ ଓ ଡାକ୍ତରଖାନା ଭଳି ଅନେକ ଅନୁଷ୍ଠାନ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଧାତ୍ମିକ ପୀଠଗୁଡିକର ସୁରକ୍ଷା ଓ ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବହୁ ପୁରାତନ ଆଧାତ୍ମିକ ପୀଠ ଏବେବି ଅସୁରକ୍ଷିତ ହୋଇ ରହିଛି। ସାରସକଣା ବ୍ଲକ ଶୀର୍ଷାସ୍ଥିତ ମେରୁମଠ ଏହାର ଏକ ଉଦାହରଣ। ଏହି ମଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି ସତ, ହେଲେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ବିକାଶ କରାଯାଉ ନ ଥିବାରୁ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ଭରପୁର ମଜା ଉଠାଇପାରୁନାହାନ୍ତି।

ଓଡିଶା, ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ରାଜ୍ୟ ସୀମାନ୍ତରେ ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀକୂଳରେ ମେରୁମଠ ଅବସ୍ଥିତ। ଜିଲାର ସଦର ମହକୁମା ବାରିପଦାରୁ ୪୦କି.ମି. ଓ ଖାରପୋଖରିଆ ଥାନା ଏବଂ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧୨କି.ମି. ଦୂରରେ ୫୬ ଏକର ପରିମିତ ଘଞ୍ଚ ସବୁଜିମାରେ ପରିପୂର୍ଣ୍ଣ ଶୋଭାବନ ଭୂଖଣ୍ଡ ଉପରେ ମହିମା ଧର୍ମର ଉପାସନାକ୍ଷେତ୍ର। ମଠ ପରିସରରେ ଥିବା ଆୟୁର୍ବେଦିକ ଔଷଧୀୟ ବଗିଚା, ଧୂନିମନ୍ଦିର, ମହିମା ଆଶ୍ରମ ଦେଖିବାକୁ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ ହୋଇଥାଏ। ୧୯୯୦ ମସିହାରେ ପରୀକ୍ଷା କରାଯାଇ ଆଧୁନିକ ଉପାୟରେ ଔଷଧ ପ୍ରସ୍ତୁତି ନିମନ୍ତେ ମଠ ଜମିରୁ ୨୦ ଏକରଜମି ସରକାରଙ୍କୁ ପ୍ରଦାନ କରାଯାଇ ଔଷଧୀୟ ଗଛ ଲଗାଯିବା ସହିତ ଡାକ୍ତରଙ୍କୁ ନିଯୁକ୍ତି ଦେଇ ଗବେଷଣା କେନ୍ଦ୍ର ଖୋଲଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଔଷଧୀୟ ଉଦ୍ୟାନରେ ଥିବା ୫ଶହ ଜାତିର ଔଷଧୀୟ ବୃକ୍ଷ ମଧ୍ୟରୁ ୩ଶହ ପ୍ରଜାତିର ବୃକ୍ଷ ଆଉ ଦେଖିବାକୁ ମିଳୁନାହିଁ। ବାକିଥିବା ୨ଶହ ପ୍ରଜାତିର ଔଷଧୀୟ ବୃକ୍ଷଗୁଡିକୁ ଯତ୍ନ ନେବା ଲାଗ ବିଭାଗୀୟ

**ମହିମାଧର୍ମର ଉପାସନା କ୍ଷେତ୍ର 'ମେରୁମଠ'**



■ରକ୍ଷଣାବେକ୍ଷଣ ଅପେକ୍ଷାରେ ଔଷଧୀୟ ଉଦ୍ୟାନ

ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ କିଛି ସୁଫଳ ମିଳୁନାହିଁ ବୋଲି ମଠର ବାବା ସଞ୍ଜୟ ଦାସ ପ୍ରକାଶ କରିଛନ୍ତି। ସେହିପରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ମଠର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ପର୍ଯ୍ୟଟନ ଅଧିକାରୀଙ୍କ ଦ୍ୱାରା ୧କୋଟି ୪୧ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏଥିରେ ପର୍ଯ୍ୟଟକଙ୍କ ନିମନ୍ତେ ଶୌଚାଳୟ, ପାନୀୟଜଳ, ଆଲୋକ, ପିଣ୍ଡି, ସମ୍ମିଳନୀ କକ୍ଷ ଆଦି ସହିତ ଏକ ସୁନ୍ଦର ପାର୍କ ନିର୍ମାଣ କରାଯିବାର ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଅଦ୍ୟାବଧି ଏହାର ଉନ୍ନତୀକରଣ ପାଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି ବୋଲି ରବୀନ୍ଦ୍ର ନାଥ ସାହୁ, ଶିକ୍ଷାବିତ୍ କୁଞ୍ଜବିହାରୀ ସେଠୀ, ସୁଧୀର କୁମାର ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ବଙ୍ଗୀୟ ପର୍ଯ୍ୟଟକ ସନ୍ତୋଷ କୁଇଲା କହନ୍ତି, ମଠ ନିକଟସ୍ଥ ନଦୀ ଘାଟରେ ଥିବା ଭୀମଆଣ୍ଠୁଆ ଗଣ୍ଡରେ ନୌକା ବିହାରର ଅନୁଭୂତି ଓ ଭାଷମାନ ଭେଳାଗୁଡିକର ଦୃଶ୍ୟ ଭାରି ମନୋରମ। ଏଠାକୁ ଆସିବା ପାଇଁ ପକ୍କା କିମ୍ବା ପିଚୁ ରାସ୍ତାଟିଏ ନିର୍ମାଣ ହୋଇ ନ ଥିବାରୁ ଖାଲଖମା ରାସ୍ତା ଦେଇ ଆସିବାକୁ ପଡୁଛି। ଅଧ୍ୟାପକ ଅଶୋକ କୁମାର ପୃଷ୍ଟି କହନ୍ତି, ସୂର୍ଯ୍ୟୋଦୟ ବେଳେ ଉଭୟ ଭାଗରେ ଝଲସି ଉଠେ ମଠ। ସୂର୍ଯ୍ୟାସ୍ତ ସମୟରେ ଅସ୍ତରାଗ କିରଣରେ ମେରୁ ମଠ ଆକର୍ଷଣୀୟ ହୋଇପଡେ। ତେବେ ମଠରେ ପାନୀୟଜଳ ଓ ଆଶ୍ରୟସ୍ଥଳୀ ନ ଥିବାରୁ ବହୁ ପର୍ଯ୍ୟଟକ ହଇରାଣ ହେଉଛନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ମଠର ବିକାଶ ଓ ମାନ୍ୟତା ଘୋଷଣାରେ ସୀମିତ ହୋଇ ପଡିରହିଛି। ଏଥିପ୍ରତି ରାଜନୈତିକ ପଦାଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ପଡିଲେ ଏହାର ପୁନରୁଦ୍ଧାର ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ସଂକ୍ଷେପରେ

### ୧୦ ଫୁଟ୍ ତଳକୁ ଖସିଲା କାର୍

**ବାଲିଆପାଳ, ୨।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଗାନ୍ଧୀ ଛକ ମୁଖ୍ୟରାସ୍ତାର ଇଡ୍‌କୋ ଛକ ନିକଟରେ ଏକ ନିର୍ମାଣାଧୀନ କଲଭର୍ଟର ଡାଇଭର୍ଶନ ରାସ୍ତା ଜାଣି ନ ପାରି ଏକ କାର୍ ୧୦ ଫୁଟ୍ ତଳକୁ ଖସିପଡିଥିଲା। ଏଥିରେ ଥିବା ୩ଜଣ ଯାତ୍ରୀଙ୍କ ସହ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବାଲିଆପାଳ ଇଡ୍‌କୋ ଛକ ନିକଟରେ ଏକ ନୂତନ କଲଭର୍ଟ କାର୍ଯ୍ୟ ଜାରି ରହିଛି। ସେଠାରେ ଡାଇଭର୍ଶନ କରାଯାଇ ଯା'ଆସ ସୁବିଧା କରାଯାଇଛି। ମାତ୍ର ଶନିବାର ଭୋର ସମୟରେ ବାଲିଆପାଳ ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଡ଼ି୦୫ଏକେ-୪୮୨୧) ଡାଇଭର୍ଶନ ରାସ୍ତାରେ ନ ଯାଇ କଲଭର୍ଟ ଗାତରେ ଖସି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମାତ୍ର ଉକ୍ତ ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇ ନ ଥିବାର କାର୍ ମାଲିକ ଦିବ୍ୟକାମ୍ ମହାନ୍ତି ପ୍ରକାଶ କରିଛନ୍ତି।

### ରେଳ ଫାଟକ କର୍ମଚାରୀଙ୍କ ମୃତଦେହ ଜବତ

ବାରିପଦା ଅଫିସ,୨।୧- ମୟୂରଭଞ୍ଜ ଜିଲା ବାରିପଦା ଷ୍ଟେଶନ ବଜାର ରେଳଷ୍ଟେଶନ ନିକଟରୁ ଶନିବାର ସକାଳେ ଜଣେ ରେଳ ଫାଟକ କର୍ମଚାରୀଙ୍କ ମୃତଦେହ ଜବତ ହୋଇଛି। ସେ ଭଦ୍ରକ ଜିଲା ବାସୁଦେବପୁର ପଡୁଆ ପଞ୍ଚାୟତର ଭଗବାନ ମହାନ୍ତି। ଭଗବାନ ରେଳ ବିଭାଗରେ ଜଣେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଜିଆରପି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ।

### ଆଇନଜୀବୀ ଗୋଲକ ରାୟଙ୍କ ପରଲୋକ

**ଭଦ୍ରକ ଅଫିସ, ୨।୧:** ଭଦ୍ରକର ବରିଷ୍ଠ ଅଧିବକ୍ତା ତଥା ଓକିଲ ସଂଘର ପୂର୍ବତନ ସଭାପତି, ରାଜ୍ୟ ଆଇନଜୀବୀ ସଂଘର ପୂର୍ବତନ ସଭାପତି ଗୋଲକ ପ୍ରସାଦ ରାୟ(୯୨)ଙ୍କର ଶନିବାର ପରଲୋକ



ଘଟିଛି। ଭଦ୍ରକ ସହରର ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ରାଜନେତା ଓ ଶିକ୍ଷାବିତ୍ କଚେରି ନିକଟ ବୁଦ୍ଧବିହାର ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଭୋରରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବଡ଼ପୁଅ ତଥା ଭଦ୍ରକ ଆଇନ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ରାୟ, ସାନପୁଅ ଆଇନଜୀବୀ ପ୍ରଫୁଲ୍ଲ ରାୟଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମରଶରୀରକୁ ଆଇନଜୀବୀ ସଂଘ ହଲ୍‌କୁ ଶୋଭାଯାତ୍ରାରେ ନେଇ କଚେରି ହତା ମଧରେ ପରିକ୍ରମା କରାଯାଇଥିଲା। ବିଚାରପତିମାନେ ଶେଷ ଦର୍ଶନ କରିବା ପରେ ତାଙ୍କ ଗାଁ ଭଦ୍ରକ ବ୍ଲକ କଲେଇ ପଞ୍ଚାୟତ ବଳଭଦ୍ରପୁରକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ, ନିଖିଳ ଉତ୍କଳ ଅଧିବକ୍ତା ସଂଘର ୨ଥର ସଭାପତି, ବରପଦା ଇଞ୍ଜିନିୟରିଂ ସ୍କୁଲ ଓ ଟେକ୍ନୋଲୋଜି କଲେଜର ସଭାପତି, ଭଦ୍ରକ ଓକିଲ ସଂଘର ୨ ଥର ସଭାପତି ଓ ସାଧାରଣ ସମ୍ପାଦକ, ଭଦ୍ରକ କଲେଜ ପରିଚାଳନା ସମିତିର ସଦସ୍ୟ, ରାଜ୍ୟ ଜନତା ଦଳର ଭଦ୍ରକ ଶାଖା ସଭାପତି ଏବଂ ସର୍ବଭାରତୀୟ ଚାହା ବୋର୍ଡ଼ର ସଦସ୍ୟ ଥିଲେ।

### ଝୁଲନ୍ତା ମୃତଦେହ ଜବତ

ବାରିପଦା ଅଫିସ,୨।୧
ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଇଟାମୁଣ୍ଡିଆ ଗ୍ରାମର ଦୋଳଗୋବିନ୍ଦ ନାଏକ ନାମକ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳେ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, କୌଣସି କାରଣରୁ ଦୋଳଗୋବିନ୍ଦ ଶୁକ୍ରବାର ରାତିରେ ଘରୁ ପଳାଇଥିଲେ। ଘରଠାରୁ ୨ଶହ ମିଟର ଦୂରରେ ଥିବା ଏକ ଗଛରେ ନିଜ ପିନ୍ଧା ଲୁଙ୍ଗି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।

## ନିର୍ବାହୀଯନ୍ତ୍ରୀଙ୍କୁ ମାଡ଼ ଘଟଣା, ଅଭିଯୁକ୍ତ ଗିରଫ

ହାଟଡିହୀ,୨।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ବିଦ୍ୟୁତ ବିଭାଗ ନିର୍ବାହୀଯନ୍ତ୍ରୀ ଚିତ୍ତ ରଞ୍ଜନ ମିସ୍ତ୍ରୀଙ୍କୁ କାଠ ଫାଳିଆରେ ହାଟଡିହୀ ଅଞ୍ଚଳରେ ଗତ ମଙ୍ଗଳବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ନନ୍ଦିପଦା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୭୫/୨୦୨୦) ରୁଜୁ କରି ଅଭିଯୁକ୍ତ ଅନୀଲ ମହାପାତ୍ରଙ୍କୁ ଶୁକ୍ରବାର ଗିରଫ କରିଛି। ସୂଚନା ଯୋଗ୍ୟ ବାକି ଥିବା ବିଦ୍ୟୁତ୍ ବିଲ ଆଦାୟ କରିବାକୁ ଆନନ୍ଦପୁର ବିଦ୍ୟୁତ ବିଭାଗ ନିର୍ବାହୀଯନ୍ତ୍ରୀ ଚିତ୍ତ ରଞ୍ଜନ ମିସ୍ତ୍ରୀ, ହାଟଡିହି କନିଷ୍ଠ ଯନ୍ତ୍ରୀ ମାନସ ମହାନ୍ତି ହାଟଡ଼ିହି ବ୍ଲକ ଅଣା ଗ୍ରାମର ଜଣେ ଗ୍ରାହକଙ୍କ ଘରକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ।

## ୨୫ ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଗଲା ଡେମୋ ଟିକା







ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଡ୍ରାଏ ରନ୍।

ବାଲେଶ୍ୱର ଅଫିସ, ୨।୧

**ବାଲେଶ୍ୱରରେ ଡ୍ରାଏ ରନ୍**

ବାଲେଶ୍ୱର ଜିଲାରେ କୋଭିଡ୍ ଟିକାକରଣ ପାଇଁ ଡ୍ରାଏ ରନ୍ ବା ମକ୍‌ଡ୍ରିଲ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଦେଶରେ ପ୍ରକୃତ କୋଭିଡ୍ ଟିକାକରଣ ପୂର୍ବରୁ ଏହିଭଳି ମକ୍‌ଡ୍ରିଲ କରାଯାଉଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଡ୍ରାଏ ରନ୍‌ର ଆବଶ୍ୟକତା ଓ କାର୍ଯ୍ୟଶୈଳୀ ଉପରେ ସୂଚନା ଦେଇଥିଲେ। ବିଶେଷ କରି କୋଭିଡ୍ ଟିକାକରଣରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱବୋଧତା ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ସହଚିକିତ୍ସାଧାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡା. ମୃତ୍ୟୁଞ୍ଜୟ ମିଶ୍ର, ଡିପିଏମ୍ ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଡ୍ରାଏ ରନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପନା ହୋଇଥିବା ଅସ୍ଥାୟୀ ଟିକାକରଣ କେନ୍ଦ୍ରରେ ୨୫ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଡେମୋ ଟୀକା ପ୍ରଦାନ କରାଯାଇଥିଲା। ଟୀକାକରଣ ପାଇଁ ପ୍ରଶିକ୍ଷଣ ନେଇ ଆସିଥିବା ଅଧିକାରୀ ଡ୍ରାଏ ରନ୍‌ର ଗାଇଡଲାଇନ୍ ଓ ଏସ୍‌ଓପି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଟିକାକରଣ କେନ୍ଦ୍ରରେ ୩ଟି ବୁଥ୍ କରାଯାଇଥିଲା। ଟିକାକରଣ ସମ୍ପର୍କିତ କୋ-ଉଇନ ୱେବ ପୋର୍ଟାଲର ଟ୍ରାଏଲ ଭର୍ଶନ ମଧ ବ୍ୟବହାର କରାଯାଇଥିଲା। ଟୀକା ଦେବା ପୂର୍ବରୁ ପୋର୍ଟାଲରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରାଯାଇଥିଲା। ପରେ ତାଙ୍କୁ ଭ୍ୟାକ୍ସିନେଟର ନିକଟକୁ ନିଆଯାଇ ଭାକ୍ସିନ୍ ଦିଆଯାଇଥିଲା। ଭାକ୍ସିନ୍ ଦିଆଯିବା ପରେ ୩୦ମିନିଟ୍ ପର୍ଯ୍ୟନ୍ତ ତାଙ୍କୁ ଅନୁଧ୍ୟାନ କରାଯାଇଥିଲା। ତେବେ କୋଭିଡ୍ ଟୀକାର ପ୍ରଥମ ଡୋଜ୍ ଦିଆଯିବାର ୨୮ଦିନ ପରେ ଦ୍ୱିତୀୟ ଡୋଜ୍ ନେବାକୁ ପଡ଼ିବ ବୋଲି ଟୀକା ନେଇଥିବା ଜନୈକ ସ୍ୱାସ୍ଥ୍ୟକର୍ମୀ ପ୍ରକାଶ କରିଥିଲେ। ଜିଲାରେ ମୋଟ୍ ୧୩୪ ଗୋଟି ବୁଥ୍‌ରେ ୧୩ହଜାର ୬୮୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଥମିକତା ଭିତ୍ତିରେ କୋଭିଡ୍ ଟୀକା ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।

## ସଂଘବଦ୍ଧ ଭାବେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

ପାଟଣା,୨।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ରଜାଭା ସାପ୍ତାହିକ ହାଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ୨୦ବର୍ଷୀୟ ଯୁବକଙ୍କୁ ସଂଘ ବଦ୍ଧ ଭାବେ ଠେଙ୍ଗାରେ ପିଟି ଦୁର୍ବୃତ୍ତ ଲହୁଲୁହାଣ କରିପକାଇଥିଲେ। ଶନିବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପଲାଶଘାଟି ପଞ୍ଚାୟତ କୁମୁଲାବାହାଳୀ ଗ୍ରାମର ହେମନ୍ତ ମହାନ୍ତ (୨୦)। ପାଟଣା ଥାନା ଏସଆଇ ଶିବଶଙ୍କର ଆଲଦା ଏନେଇ ଏକ ହତ୍ୟା ମାମଲା (ନଂ.୨/୨୧)ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପୋଲିସ ସୂଚନା ଅନୁଯାୟୀ ଶୁକ୍ରବାର ଏରେଣ୍ଡେଇ ପଞ୍ଚାୟତ ରାଜାଭା ସାପ୍ତାହିକ ହାଟକୁ ହେମନ୍ତ ଯାଇଥିବାବେଳେ କୌଣସି କାରଣରୁ ତାଙ୍କୁ ଆକ୍ରମଣ କରାଯାଇଥିଲା' ଘଟଣାସ୍ଥଳରେ ଶାନ୍ତି ଲତା ମୁଣ୍ଡା ନାମକ ଜଣେ ମହିଳା ହେମନ୍ତଙ୍କୁ ଉଦ୍ଧାର କରିବାକୁ ଯାଇ ଦୁର୍ବୃତ୍ତଙ୍କ ମାଡରେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡିନାହିଁ।

## ମହିଳାଙ୍କୁ ହତ୍ୟା ଘଟଣା: ୨ ଗିରଫ

କପ୍ତିପଦା,୨।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଥାନା ଅଧୀନ କଳମଗଡ଼ିଆ ପଞ୍ଚାୟତ ଶାରୀଶୁଆ ଗ୍ରାମରେ ମଙ୍ଗଳବାର ଗୁଣିଗାରେଡ଼ି ସନ୍ଦେହରେ ଖଇରୀ ମହାନ୍ତ ନାମ୍ନୀ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଫେରାର ଥିବା ଅଭିଯୁକ୍ତ ୨ ଭାଇଙ୍କୁ ଶୁକ୍ରବାର ପୋଲିସ ଶାରୀଶୁଆ ଜଙ୍ଗଲରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀକୁ ମଧ ଜବତ କରିଛି ପୋଲିସ। ଗିରଫ ଦୁଇଭାଇ ହେଲେ ଅନିଲ ମହାନ୍ତ ଓ ବଳରାମ ମହାନ୍ତ। ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମର ଅନିଲଙ୍କର ପିଲାପିଲି ନ ଥିଲେ। ପଡ଼ୋଶୀ ଖଇରୀ ଜଣେ ଡାହାଣୀ ଓ ଗୁଣିଗାରେଡ଼ି ଜାଣିଥିବା ଅନିଲଙ୍କ ପରିବାର ସନ୍ଦେହ କରି ଆସୁଥିଲେ। ଖଇରୀଙ୍କ ପାଇଁ ତାଙ୍କର ପିଲାପିଲି ହେଉ ନ ଥିବା ସନ୍ଦେହ କରି ଅନିଲ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଖଇରୀ ନଳକୂପରୁ ପାଣି ନେଇ ଫେରୁଥିବା ବେଳେ ଅନିଲ ଓ ସାନଭାଇ ବଳରାମ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକ ସମ୍ପୂର୍ଣ୍ଣ କଟିଯାଇ ମୃତ୍ୟୁ ହୋଇଥିଲା।

## ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ

ବାରିପଦା ଅଫିସ,୨।୧

ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ୭୨ତମ ମୟୂରଭଞ୍ଜ ମିଶ୍ରଣ ଦିବସ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ସଭାପତି ପ୍ରଫେସର ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ୧୯୪୯ ଜାନୁୟାରୀ ୧ରେ ସ୍ୱତନ୍ତ୍ର ମୟୂରଭଞ୍ଜ ଓଡ଼ିଶାର ଏକ ଜିଲା ଭାବେ ମିଶ୍ରଣ ହେବା ସହିତ ଚୁକ୍ତିନାମା ମଧ ହୋଇଥିଲା। ଏହି ଚୁକ୍ତିକୁ ସ୍ମରଣ କରାଯାଇ ଦୀର୍ଘ ୭୧ବର୍ଷ ମଧରେ ମୟୂରଭଞ୍ଜ ସମ୍ପୂର୍ଣ୍ଣ ଭାବେ ଅବେହଳିତ ହୋଇଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମହିଷାଣି, ବାଦାମପାହାଡ-କେନ୍ଦୁଝର ରେଳ ସଂଯୋଗୀକରଣ ସହ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମନିଯୁକ୍ତି ଲାଗି ପ୍ରଚେଷ୍ଟା ଜାରି ରହିଥିବା କହିଥିଲେ। ଜିଲାରେ ୧୪ ଏକଲବ୍ୟ ବିଦ୍ୟାଳୟ ଏବଂ ୩ ଉପଖଣ୍ଡରେ ଗୋଟିଏ ଲେଖାଏଁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସହିତ ଯୋଗାଯୋଗ କରିଥିବା କହିଛନ୍ତି। ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଫୋରମ ସଦସ୍ୟ ସୁଶାନ୍ତ ପାତ୍ର, ମୁରଲୀଧର ପାତ୍ର, କୈବଲ୍ୟ ମହାପାତ୍ର, ସରୋଜ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## କଳିଙ୍ଗନଗର ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ପାଳିଲା କଂଗ୍ରେସ

ଭଦ୍ରକ ଅଫିସ/ କେନ୍ଦୁଝର,
୨।୧(ସ୍ୱ.ପ୍ର./ଡି.ଏନ.ଏ.)

୨୦୦୬ ଜାନୁୟାରୀ ୨ରେ ଯାଜପୁର ଜିଲା କଳିଙ୍ଗନଗରଠାରେ ଘଟିଥିବା ଲୋମହର୍ଷଣକାରୀ ଆଦିବାସୀଙ୍କ ଗଣହତ୍ୟାର ୧୫ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ କଳିଙ୍ଗନଗର ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସଭାପତି ଦାସ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ନିଜର ହକ୍ ପାଇଁ ଶୀତ କାକରରେ ପଡ଼ି ରହି ମାଟି ମାତୃକାର ରକ୍ଷା କରିବାକୁ ଜିଦ୍ ଧରି ବସିଥିବା କଳିଙ୍ଗନଗରର ନିରୀହ ଆଦିବାସୀଙ୍କୁ ଯେଉଁଭଳି ଭାବେ ହତ୍ୟା କରାଗଲା, ତାହା ଓଡ଼ିଶା ଇତିହାସର ଏକ କଳଙ୍କିତ ଅଧ୍ୟାୟ। ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲିର ଦିଗମ୍ବର ଦାସ ଓ ଧାମନଗରର ବିଦ୍ୟାଧର ଯେନା ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲା ମହିଳା କଂଗ୍ରେସ ନେତ୍ରୀ ସବିତା ଚନ୍ଦ, ବରିଷ୍ଠ ନେତା ଦିଲୀପ ନାୟକ, ଅବଦୁଲ ମୁକିତ ଖାଁ, ପ୍ରଫୁଲ୍ଲ ସାମଲ, ଅସ୍‌ରଫ୍ ଅଲ୍ଲୀ ଖାଁ, ବାବୁଲି ଚାନ୍ଦ, ପୀତବାସ ଧଳ, ସେକ୍ ସମ୍‌ଦାନୀ, ଟାଉନ ସଭାପତି ବିଜୟ ବାରିକ, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ ଶନିବାର ଯାଜପୁର ଜିଲା କଳିଙ୍ଗନଗର ଆଦିବାସୀ ଗଣହତ୍ୟା ପ୍ରତିବାଦରେ ଏକ ରାଲି ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ କାରଖାନା ପାଇଁ ଜମି ଅଧିଗ୍ରହଣକୁ ସ୍ଥାନୀୟ ଆଦିବାସୀ ବିରୋଧ କରିବାକୁ ୨୦୦୬ ମସିହା ଜାନୁୟାରୀ ୨ ତାରିଖରେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ୧୬ ଜଣ ଆଦିବାସୀ ମୃତ୍ୟୁବରଣ କରିଥିଲେ। ଏଣୁ ଏହି ଘଟଣାର ପ୍ରତିବାଦରେ ଏବଂ ମୃତ୍ୟୁବରଣ କରିଥିବା ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଏଭଳି ରାଲି ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ଜିଲା କଂଗ୍ରେସ ଅଫିସରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସଂପାଦକ ଆଲୋକ ମିଶ୍ରଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ବାଲେଶ୍ୱରକୁ ମିଳିଲା ଆଉ ୧୧ଟି ୧୦୮ ଆମ୍ବୁଲାନ୍ସ

ବାଲେଶ୍ୱର ଅଫିସ, ୨।୧

ବାଲେଶ୍ୱର ଜିଲା ଦୁର୍ଗମ ଅଞ୍ଚଳରେ ସହଜରେ ଓ ଅବିଳମ୍ବେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଜିଲାରେ ଅତିରିକ୍ତ ୧୧ଗୋଟି ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟ ପାଇଁ ଅତିରିକ୍ତ ୮୪ଟି ୧୦୮ ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିବା ବେଳେ ସେଥିମଧ୍ୟରେ ବାଲେଶ୍ୱର ଜିଲା ପାଇଁ ସର୍ବାଧିକ ୧୧ଟି ଆମ୍ବୁଲାନ୍ସ ରହିଥିଲା। ଶନିବାର ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଜିଲାରେ ଏହି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅତିରିକ୍ତ ଆମ୍ବୁଲାନ୍ସଗୁଡିକରେ ସମସ୍ତ ଅତ୍ୟାଧୁନିକ ସୁବିଧା ରହିଛି ଯାହା କି ଜରୁରୀ ପରିସ୍ଥିତିରେ ରୋଗୀମାନଙ୍କ ପାଇଁ ବିଶେଷ ଭାବେ ସହାୟକ ହୋଇପାରିବ। ପୂର୍ବରୁ ଜିଲାରେ ୨୭ଗୋଟି ୧୦୮ ଆମ୍ବୁଲାନ୍ସ ଅହର୍ନିଶି ସେବା ଯୋଗାଇ ଦେଇ ଆସୁଥିବା ବେଳେ ଏହି ୧୧ଗୋଟିକୁ ମିଶାଇ ମୋଟ ୩୮ଟି ୧୦୮ ଆମ୍ବୁଲାନ୍ସ ଏବେ ରୋଗୀମାନଙ୍କୁ ଅବିଳମ୍ବେ ସ୍ୱାସ୍ଥ୍ୟସେବା ଏହି ୧୧ଟି ଆମ୍ବୁଲାନ୍ସ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳ ପାଇଁ ୩ଟି, ସଦର ବ୍ଲକ ପାଇଁ ୨ଟି ଏବଂ ଜଳେଶ୍ୱର, ସୋର, ବସ୍ତା, ବାଲିଆପାଳ, ନୀଳଗିରି ଓ ବାହାନଗା ବ୍ଲକ ପାଇଁ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସକୁ ସେବା ନିମନ୍ତେ ନିୟୋଜିତ କରାଯାଇଛି। ବାଲେଶ୍ୱର ପୌରାଞ୍ଚଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ, ରାଣୀପାଟଣା ପ୍ରାଣୀ ଚିକିତ୍ସାଳୟରେ ଗୋଟିଏ ଓ ସଦହେବଖୁଣ୍ଟା ଥାନାରେ ଗୋଟିଏ ଆମ୍ବୁଲାନ୍ସ ଦିଆଯାଇଛି। ସେହିପରି ସଦର ବ୍ଲକରେ ଫୁଲାଡ଼ି ଫାଣ୍ଡି ଓ ରସାଳପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଲେଖାଏଁ ୧୦୮ ଆମ୍ବୁଲାନ୍ସ ଦିଆଯାଇଛି। ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜଳେଶ୍ୱର ଶାଳବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସୋର ମାଣିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବସ୍ତାର ପାଉଁଶକୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାଲିଆପାଳର ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନୀଳଗିରିର ଅଯୋଧ୍ୟା ଫାଣ୍ଡିରେ ଗୋଟିଏ ଲେଖାଏଁ ୧୦୮ ଆମ୍ବୁଲାନ୍ସ ସେବା ନିୟୋଜିତ କରାଯାଇଥିବାରୁ ଜନସାଧାରଣ ଏହାର ଲାଭ ପାଇପାରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ଆଶା ପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମରେ ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ପରେଶ ଚନ୍ଦ୍ର ନନ୍ଦୀ, ଡିପିଏଚଓ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡିପିଏମ୍ ଅନୀଲ କୁମାର ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଶାଳବଣିରେ ଆମ୍ବୁଲାନ୍ସ ସେବା ଆରମ୍ଭ

ରାଇବଣିଆ, ୨।୧

ଜଳେଶ୍ୱର ବ୍ଲକରେ ୧୧ଟି ପିଏଚ୍‌ସି ରହିଛି। ହାତୀଗଡ଼ ଓ ଜଳେଶ୍ୱର ହସ୍‌ପିଟାଲରେ ୧୦୨ ଓ ୧୦୮ ଆମ୍ବୁଲାନ୍ସ ଥିବା ବେଳେ ପଶ୍ଚିମବାର୍ଡ଼ ସିଏଚ୍‌ସିରେ ୧୦୨ଆମ୍ବୁଲାନ୍ସ ସେବା କାର୍ଯ୍ୟ କରୁଛି। ତେବେ ଆଦିବାସୀ ଅଧ୍ୟୁଷିତ ରାଇବଣିଆର ଶାଳବଣୀଠାରେ ଥିବା ପିଏଚ୍‌ସି ଅଞ୍ଚଳ ଲାଗି ଆମ୍ବୁଲାନ୍ସ ସୁବିଧା ନ ଥିବାରୁ ସରକାରଙ୍କ ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଇଛି। ଏହି ଆମ୍ବୁଲାନ୍ସକୁ ଡା. ଅଜୟ କୁମାର ଜେନା ଉଦ୍‌ଘାଟନ କରି ଦୁର୍ଗମ ଅଞ୍ଚଳ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କ ଏହା ପ୍ରୟାସ ବୋଲି କହିଥିଲେ। ଫାର୍ମାସିଷ୍ଟ ଗଣେଶ ଚନ୍ଦ୍ର ପରିଡ଼ା, ଡ୍ରାଇଭର ଗୌରାଙ୍ଗ ଚନ୍ଦ୍ର ଗାନ୍ଧୀ, ହେଲପର ଭଜହରି ସେନ୍ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।





ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରାଯାଉଛି।

## ସରଣଙ୍ଗରେ ମୋ ସ୍କୁଲ ଅଭିଯାନ

ସୋର,(ଡି.ଏନ୍.ଏ): -ସୋର ବ୍ଲକ ସରଣଙ୍ଗ ୟୁଜିୟୁପି ସ୍କୁଲ ପରିସରରେ ଶନିବାର ମୋ ସ୍କୁଲ ଅଭିଯାନ ଏବଂ ପୁରାତନ ଛାତ୍ର ସଂସଦ ଗଠିତ ହୋଇଯାଇଛି। ଖଇରା ଏବିଇଓ ଶ୍ରୀଧର ପ୍ରସାଦ ବେହେରା ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଏହାକୁ ପରିଚାଳନା କରିଥିଲେ। ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିରେ ସହଯୋଗ କରିଥିଲେ।

# ରୋଗୀଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା

**ଯୋଡ଼ା, ୨୧୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ କମାରଯୋଡ଼ାରେ ରହିଛି ସରକାରୀ ଡାକ୍ତରଖାନା।ଏଠାରେ ଡାକ୍ତର, କର୍ମଚାରୀ ଅଭାବ ଯୋଗୁ ସ୍ଥାନୀୟ ଲୋକେ ଉତ୍ତମ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ(ଡିଏମ୍ଏଫ୍)ରେ ହଜାର ହଜାର କୋଟି ଟଙ୍କା ଥାଇ ମଧ୍ୟ ଯୋଡା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଫେଲ୍ ମାରିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ବ୍ଲକର ୧୫ଟି ପଞ୍ଚାୟତ ଓ ଯୋଡ଼ା ପୌରପାଳିକାର ୧୪ଟି ୱାର୍ଡ ଏହି ଡାକ୍ତରଖାନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାବେଳେ ଏଠାରେ ୭ ଜଣ ବିଭିନ୍ନ ବିଭାଗର ଡାକ୍ତର ଓ ୬ ଜଣ ନର୍ସ ରହିଛନ୍ତି। ସେଥିମଧ୍ୟରୁ ୪ ଜଣ ସରକାରୀ ଏବଂ ୩ ଜଣ ଡିଏମ୍ଏଫ୍ ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ଦୀର୍ଘ ୬ ବର୍ଷ ହେବ ଅର୍ଥୋପେଡିକ୍ ବିଭାଗର ଡାକ୍ତର, ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱହେବ ଶିଶୁରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଥିବା ବେଳେ ଜଣେ ମୁଖ୍ୟ ସର୍ଜରୀ ଡାକ୍ତର ନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଠାରେ ମୁଖ୍ୟ ଚିକିତ୍ସା ଅଧିକାରୀ ନାହାନ୍ତି। ଡାକ୍ତରଖାନାରେ ଆମ୍ବୁଲାନ୍ସ ଗାଡିର ଅଭାବ ଥିବାରୁ ରାତିବେଳା ଜରୁରୀକାଳୀନ ଅବସ୍ଥାରେ ଡାକ୍ତର ପହଞ୍ଚିବାରେ ସମସ୍ୟା ହେଉଛି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କେବଳ ଚୁକ୍ତିଭିତ୍ତିକ ଫାର୍ମାସିଷ୍ଟ ରଖାଯାଇ କାର୍ଯ୍ୟ କରାଯାଉଛି। ଗତ ଡିସେମ୍ବର ୩୧ରେ ନିଯୁକ୍ତ ଥିବା ଚୁକ୍ତିଭିତ୍ତିକ ୨ ଜଣ ଫାର୍ମାସିଷ୍ଟଙ୍କର କାର୍ଯ୍ୟକାଳ ଶେଷ ହୋଇଯାଇଥିଲା ବେଳେ ପୁନର୍ବାର ସେମାନଙ୍କୁ ଏକ ମାସ ପାଇଁ ନିଯୁକ୍ତି ଦିଆଯାଇଥିବା ଖବର ହସ୍ତଗତ ହୋଇଛି। ଏଠାରେ

### ଡାକ୍ତର, କର୍ମଚାରୀ ଅଭାବ

ନିଯୁକ୍ତ ୯ ସ୍ୱାସ୍ଥ୍ୟକର୍ମୀଙ୍କର କାର୍ଯ୍ୟ କାଳ ଶେଷ ହୋଇଥିବାରୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମସ୍ୟା ହେଉଛି। ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସିଧାସଳଖ ନିଯୁକ୍ତି ଦିଆ ନ ଯାଇ ଏକ ଏନ୍‌ଜିଓ ସଂସ୍ଥା ମାଧ୍ୟମରେ ଉକ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଫାର୍ମାସିଷ୍ଟଙ୍କୁ ଚୁକ୍ତିଭିତ୍ତିକ ଅସ୍ଥାୟୀ ନିଯୁକ୍ତି ଦିଆଯାଉଥିବା ଜାଣିବାକୁ ମିଳିଛି। ପୁଣି ଏଠାରେ ଜରୁରୀକାଳୀନ ଅସ୍ତ୍ରୋପଚାର ଗୃହର ବ୍ୟବସ୍ଥା ଏଯାଏ ହୋଇନାହିଁ। ଏ ସମ୍ପର୍କରେ ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ଓ ସମ୍ପାଦକ ସୁଶାନ୍ତ କୁମାର ବାରିକ କୁହନ୍ତି ଏହି ସରକାରୀ ଡାକ୍ତରଖାନା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏଠାରେ ସାଧାରଣ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଏନେଇ ଗତବର୍ଷ ଜୁଲାଇ ୩ରେ ଯୋଡା ବିକାଶ ପରିଷଦ ପକ୍ଷରୁ ଅପରେସନ ଥିଏଟରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାପାଇଁ ଲିଖିତ ଭାବେ ଜିଲା ସ୍ୱାସ୍ଥ୍ୟବିଭାଗକୁ ଜଣାଇଥିଲେ। ଏଠାକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିବା ସହ ଅଞ୍ଚଳରେ ଥିବା କର୍ପୋରେଟ ସଂସ୍ଥା ଗୁଡିକ ମଧ୍ୟ କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ଅପରପକ୍ଷେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କହିଛନ୍ତି, ଏଠାରେ ରୋଗୀ ସେବାକୁ ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବାର ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ଯଦି କୌଣସି ଅସୁବିଧା ଥାଏ ତେବେ ଅତିଶୀଘ୍ର ଏହାର ସମାଧାନ କରାଯିବ।

## ଜିଲା କଂଗ୍ରେସ ପାଳିଲା ଶ୍ରଦ୍ଧାଞ୍ଜଳି ଦିବସ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି।

**ବାଲେଶ୍ୱର ଅଫିସ, ୨୧୧**

୧୫ ବର୍ଷ ପୂର୍ବରୁ କଳିଙ୍ଗନଗର ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ଆଦିବାସୀ ଭାଇଭଉଣୀଙ୍କ ଉଦ୍ଦେଶ୍ୟରେ ଶନିବାର ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି। ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି ଅଧ୍ୟକ୍ଷତା କରିଥିଲେ।

୨୦୦୬ରେ କଳିଙ୍ଗନଗର ଗୁଳିକାଣ୍ଡ ଘଟିଥିଲା। ଏହି ଗୁଳିକାଣ୍ଡରେ ନିଜ ଭିଟାମାଟି ପାଇଁ ଲଢ଼େଇ କରୁଥିବା ୧୬ଜଣ ଆଦିବାସୀ ଭଉଣୀଭାଇ ପ୍ରାଣବଳି ଦେଇଥିଲେ। ତତ୍କାଳୀନ ମିଳିତ ସରକାର ଥିବା ଭାଜପା-ବିଜେଡି ଏଭଳି ଏକ ଅମାନବୀୟ ଘଟଣା ଭିଆଇଥିଲେ ବୋଲି ଗିରି ପ୍ରକାଶ କରିଥିଲେ। ପୂର୍ବତନ ଜିଲା କଂଗ୍ରେସ ଉପସଭାପତି କୃଷ୍ଣଗୋପାଳ ପଣ୍ଡା, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ବିକାଶ ଦାସ, ଯଶୋଦା ସିଂ, ବସ୍ତା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଜେନା, ଛାତ୍ର ନେତା ଗୌତମ ସାହୁ, ଜୀବନ ମହାପାତ୍ର, ସୌରଭ ବେହେରା, ସତ୍ୟଜିତ୍ ପ୍ରଧାନ, ସୁମନ ଦାସ, ସୁମିତ ସାଗର ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ୬ରେ ଖୋଲିବ ଚନ୍ଦନେଶ୍ୱର ମନ୍ଦିର

**ଭୋଗରାଇ, ୨୧୧(ଡି.ଏନ.ଏ.):** ଓଡିଶାର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲାର ଭୋଗରାଇସ୍ଥିତ ହୁଗୁଳି ଗ୍ରାମର ବାବା ଚନ୍ଦନେଶ୍ୱର ମନ୍ଦିର ଆସନ୍ତା ୬ତାରିଖରେ ଖୋଲିବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିରରେ ୧୦ଜଣ ସେବାୟତ ନିୟୋଜିତ ରହିବା ସହ ୪ଟି ବ୍ୟାରିକେଟ କରାଯିବ। ପ୍ରବେଶପଥରେ ଶ୍ରଦ୍ଧାଳୁଙ୍କ କୋଭିଡ ଟେଷ୍ଟ କରାଯାଇ ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ମଧ୍ୟକୁ ଛଡାଯିବ। ମନ୍ଦିର ଗର୍ଭଗର୍ଭରେ ହେବ ଦର୍ଶନ। ୨ଟି ପ୍ଲାଟୁନ୍ ପୋଲିସ ମୁତୟନ ରହିବେ। ସକାଳ ସାଢେ ୭ଟାରୁ ସନ୍ଧ୍ୟା ସାଢେ ୭ଟାପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। ଏଥିନିମନ୍ତ ଶନିବାର ମନ୍ଦିର ପରିସରରେ ଟ୍ରଷ୍ଟବୋର୍ଡର ଜରୁରୀ ବୈଠକ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭାପତି ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଅନନ୍ତ ଦାସଙ୍କ ସମେତ ବ୍ଲକ୍ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା, ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ମେରାଇନ ଥାନା ଆଇଆଇସି ହେମନ୍ତ କୁମାର ମାଝି ଓ ଜନ ପ୍ରତିନିଧିମାନେ ଯୋଗଦେଇ ଆଲୋଚନା କରିଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

**ତେଲକୋଇ, ୨୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ସିରିଗିଡା ପଞ୍ଚାୟତ କାଳିମା ଗ୍ରାମରେ ଗତ ଶୁକ୍ରବାର ରାତି ସମୟରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମନୋଜ ନାଏକ। ଯୁବକଙ୍କ ଘର ଅନୁଗୋଳ ଜିଲା ଖମାର ଥାନା ଅଞ୍ଚଳରେ। ଖବରପାଇ ଶନିବାର ତେଲକୋଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପକେଟର ପରିଚୟ ପତ୍ର ପାଇବା ପରେ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକ ଏକ ବାଇକ୍ ଯୋଗେ ଭଉଣୀ ଘରକୁ ଆସିଥିଲେ। ଭଉଣୀ ଘର ଭୀମକାଣ୍ଡ ପଞ୍ଚାୟତ ଗୋଳାଗାଡିଆ ଗ୍ରାମରେ। ତେବେ ଭଉଣୀ ଘରୁ ଶୁକ୍ରବାର ସନ୍ଧ୍ୟା ସମୟରେ ଘରକୁ ଫେରୁଥିଲେ। କାଳିମା ଗ୍ରାମରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ସ୍ଥାନରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ତେବେ ବାଇକର କିଛି ଭଗ୍ନାଂଶ ଥିବା ବେଳେ ସେଠାରେ ବାଇକ୍ ନ ଥିଲା। ପୋଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

### ଜାତୀୟ ପରେଡ୍‌ରେ ଭାଗନେବେ ୮ ସ୍ୱେଚ୍ଛାସେବୀ

**ବାରିପଦା ଅଫିସ,୨୧୧:** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ୮ସ୍ୱେଚ୍ଛାସେବୀଙ୍କ ସହ ଜଣେ କାର୍ଯ୍ୟକ୍ରମ ଅଧିକାରୀ ଗଣତନ୍ତ୍ର ଦିବସ ଉପଲକ୍ଷେ ଦିଲ୍ଲୀଠାରେ ଅନୁଷ୍ଠିତ ହେଉଥିବା ସମ୍ମାନଜନକ ପରେଡରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ଜାତୀୟ କାର୍ଯ୍ୟକ୍ରମ ଅଧିକାରୀ ଡ.ସ୍ମୃତିରଞ୍ଜନ ଦାସ କଣ୍ଟିଜେଣ୍ଟ ଅଧିକାରୀ ଏବଂ ଛାତ୍ରମାନଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀ ଦୀପକ କୁମାର ଗିରି ମନୋନୀତ ହୋଇଛନ୍ତି। ପରେଡରେ ଯୋଗଦାନ କରିବା ପାଇଁ ଡ. ଦାସ ମନୋନୀତ ହୋଇଥିବାରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା, କୁଳସଚିବ ସହଦେବ ସମଡିହା, ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଅନୀଲ କୁମାର ବିଶ୍ୱାଳ, ବିଶ୍ୱବିଦ୍ୟାଳୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧାପିକା ଉଷା ଶତପଥୀ, ଏନଏସଏସ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଶୁଭେନ୍ଦୁ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

### ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଝୁମ୍ପୁରା, ୨୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ମଣଦା ଗ୍ରାମ ବେଣ୍ଟକାର ସାହିରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ରାଧିକା ବେଣ୍ଟକାର। ରାଧିକାଙ୍କ ମୃତ ଦେହ ଘର ବାହାରେ ପଡି ରହିଥିବା ଲୋକେ ଦେଖି ପୋଲିସକୁ ଖବର ଦେବା ପରେ ଝୁମ୍ପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ରାଧିକାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ତଦନ୍ତ ଅଧିକାରୀ ପି.ଆର ପରିଡା କହିଛନ୍ତି।

## ଉଦ୍‌ଘାଟନୀ ମ୍ୟାଚରେ ମାହାରାସାହି, ହରିଚନ୍ଦନପୁର ବିଜୟୀ


ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଖଇରା, ୨୧୧(ଡି.ଏନ.ଏ.)**

### ନଟାପଡା ପ୍ରିମିୟର ଲିଗ୍

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଡାପଡା ମିନି ଷ୍ଟାଡିୟମରେ ଶନିବାର ନଟାପଡା ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୨ଟି ମ୍ୟାଚରେ ମାହାରାସାହି ଗଣ୍ଡିବେଡକୁ ଓ ହରିଚନ୍ଦନପୁର ଆଗରପଡାକୁ ପରାଜିତ କରି କ୍ୱାର୍ଟରଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ପ୍ରଥମେ ଟସ୍ ଜିତି ଗଣ୍ଡିବେଡ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୧ଶହ ରନ ସଂଗ୍ରହ କରିଥିଲା। ଜବାବରେ ମାହାରାସାହି ୬ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିଭଳି ୨ୟ ମ୍ୟାଚରେ ଆଗରପଡା ୧୦ଓଭରରେ ୧୧୮ରନ ସଂଗ୍ରହ କରିଥିଲା। ୧୧୯ରନର ବିଜୟ ଲକ୍ଷ୍ୟରେ ପଡିଆକୁ ଓହ୍ଲାଇଥିବା ହରିଚନ୍ଦପୁର ୮ ଓଭରରେ ୪ଉଇକେଟ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ପବିତ୍ର ରାଉତ ଓ ଦୀପକ ରାଉତ ମ୍ୟାଚ ପରିଚାଳନା କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ବିଶିଷ୍ଟ ଶିଳ୍ପପତି ପ୍ରଦୀପ କୁମାର ସାହୁ, ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଖେଳଶିକ୍ଷକ ଲୋକନାଥ ରାଉତ ଅତିଥି, ୱାର୍ଡସଭ୍ୟା ବାସନ୍ତୀଲତା ରାଉତ ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ନଟାପଡା ୟୁଥ କ୍ଲବ ସଭାପତି ଲୋଚନ ରାଉତ, ସମ୍ପାଦକ ରାଜେଶ କୁମାର ରାଉତ, ସଭ୍ୟ ରବୀନ୍ଦ୍ର ରାଉତ, ଅନାଦି ସୂତାର, ଗଜେନ୍ଦ୍ର ବେହେରା, ଜୟଦେବ ବେହେରା, ଭବତୋଷ ବେଜ, ଶଙ୍କର୍ଷଣ ଲେଙ୍କା, ଜୟନ୍ତ କୁମାର ଲେଙ୍କା, ପଦନ ରାଉତଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଜମି ଜବରଦଖଲ ନେଇ ଉତ୍ତେଜନା

**ବୈଶିଙ୍ଗା, ୨୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜମି ଜବରଦଖଲକୁ ନେଇ ରଘୁପୁର ଓ କୁଜିଗଡି ଦୁଇ ଗ୍ରାମ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ କରିଥିଲେ। ବୈଶିଙ୍ଗା ପୋଲିସ ପହଞ୍ଚି ଉଭୟପକ୍ଷଙ୍କୁ ଥାନାକୁ ନେଇ ଆସି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। କୁଜିଗଡି ଗ୍ରାମର ପିତାମ୍ବର ଦାସ ଏକ ଜାଗାକୁ ଲୋକ ଲଗାଇ ବାଡ଼ ଘେରାଉ କରୁଥିବା ବେଳେ ନିକଟସ୍ଥ ରଘୁପୁର ଗ୍ରାମର ପଙ୍କଜ ଦାସ ଓ ତାଙ୍କ ତିନି ପୁଅ ତପନ, ରାମ ଓ ଲକ୍ଷ୍ମଣ ମିଶି ଆକ୍ରମଣ କରିଥିଲେ। ପିତାମ୍ବର ଦାସଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ଥାନାରେ ମାମଲା(ନଂ. ୧ / ୨୦୨୧) ରୁଜୁକରାଯାଇଛି। ଅନ୍ୟପକ୍ଷରେ ରଘୁପୁର ଗ୍ରାମର ରାମଚନ୍ଦ୍ର ଦାସ ଏହି ଜମି ଦୀର୍ଘବର୍ଷ ଧରି ତାଙ୍କ ଦଖଲରେ ଥିବା ଦାବି କରୁଥିବା ବେଳେ ବାଡ ଘେରାଉକୁ ପ୍ରତିବାଦ କରିଥିଲେ। ଫଳରେ ତାଙ୍କ ଉପରକୁ କୁଜିଗଡ ଗ୍ରାମର ମୁକୁନ୍ଦ, ପିତାମ୍ବର, ଶରତ, ହାଡିଆ , ରଣଜିତ୍ ଓ ରବୀନ୍ଦ୍ରମରଣାନ୍ତକ ଆକ୍ରମଣ ଉଦ୍ୟମ କରିଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ମାମଲା(ନଂ. ୨ / ୨୦୨୧) ରୁଜୁ କରାଯାଇଛି। ବୈଶିଙ୍ଗା ଥାନା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସୁଶାନ୍ତ କୁମାର ମହାକୁଡ଼ ତଦନ୍ତ ଆରମ୍ଭ କରିଛନ୍ତି। ଦୁଇ ମାମଲାରେ କାହାରିକୁ ଗିରଫ କରାଯାଇନାହିଁ।

## ୧୫୦ ଲୋକଙ୍କଠାରୁ ଦେଢ଼ ଲକ୍ଷ ଜରିମାନା

**କେନ୍ଦୁଝର, ୨୧୧ (ସ୍ୱ.ପ୍ର.)**

### ସିସିଟିଭିରେ ବିନା ହେଲ୍‌ମେଟ୍ ଧରପଗଡ

ନୂଆ ବର୍ଷ ଠାରୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ କେନ୍ଦୁଝର ଜିଲାରେ ଆରମ୍ଭ ହୋଇଛି ମୋଟର ଯାନ ବିଶେଷ କରି ହେଲମେଟ ଓ ବେପରୁଆ ଗାଡିଚାଳନା ଉପରେ ଧରପଗଡ। ପ୍ରଥମଥର ପାଇଁ ସିସିଟିଭି ଦ୍ୱାରା ଚାଲିଛି ଧରପଗଡ। ଏଣୁ ଖିଲାପୀ ମାନଙ୍କ ମୋବାଇଲକୁ ଫାଇନ ବା ଚାଲାଣ ମେସେଜ ମାଧ୍ୟମରେ ଯାଉଛି। ଏଣୁ ଏଭଳି ବ୍ୟବସ୍ଥା କୁ ନେଇ ଅନେକ ଛାନିଆ ହୋଇପଡିଥିବାବେଳେ ଅନେକ ଏବେ ମଧ୍ୟ ବେପରୁଆ ଭାବରେ ବିନା ହେଲମେଟ୍‌ରେ ଗାଡି ଚଳାଚଳ କରୁଥିବା ଦେଖିବାକୁ ମିଳୁଛି।

ଦୁଇ ଦିନ ରେ ଜିଲା ମୁଖ୍ୟାଳୟରେ ପାଖାପାଖି ୧୫୦ ଖିଲାପୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦେଢ ଲକ୍ଷ ଟଙ୍କା ଫାଇନ କରାଯାଇଥିବା ଦାୟିତ୍ୱରେ ଥିବା ଟାଉନଥାନା ଏସଆଇ ସାନ୍ତନୁ ଜେନା ସୂଚନା ଦେଇଛନ୍ତି। ପ୍ରଥମେ ବିନା ହେଲମେଟ, ତିନି ଜଣିଆ ଯାତାୟତ, ଭୁଲ ରାସ୍ତାରେ ଯାତାୟାତ, ମୋବାଇଲ ଧରି ବାଇକ ଚାଳନା ଆଦି ଧରପଗଡ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ପୋଲିସ ସୂଚନା ଦେଇଛି। ସିସିଟିଭିରେ ଯାଞ୍ଚ କରାଯାଇ ମେସେଜ ଜରିଆରେ ଚାଲାଣ ସିଧାସଳଖ ଗାଡି ମାଲିକଙ୍କୁ ପଠାଯାଉଛି। ଏହା ଦ୍ୱାରା ଦୁର୍ଘଟଣା ରୋକିବା ସହ ବେପରୁଆ ଗାଡି ଚାଳାଣକୁ ସାବାଡ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଉଛି। ତେବେ ଏଭଳି ବ୍ୟବସ୍ଥାକୁ ଅନେକ ସ୍ୱାଗତ କରିଥିବା ବେଳେ ବହୁ ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତରୁ ଆସୁଥିବା ଲୋକ ମାନେ ଏନେଇ ଅବଗତ ହୋଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଏଥିପାଇଁ ଅଧିକ ସଚେତନତା ସୃଷ୍ଟି କରିବାକୁ ଦାବି ହୋଇଛି।

## ଛଟେଇକୁ ନେଇ ଶ୍ରମିକ ଅଶାନ୍ତି

**ଭଦ୍ରକ ଅଫିସ,୨୧୧**

ଭଦ୍ରକ ଚରମ୍ପାଠାରେ ଚାଲୁଥିବା ଏକ ଫ୍ଲୋର୍ ମିଲ୍‌ରେ କାର୍ଯ୍ୟରତ ୨୫ ଶ୍ରମିକଙ୍କୁ ବେନିୟମ ଭାବେ ନୂଆବର୍ଷରେ ମାଲିକ ଛଟେଇ କରିଥିବା ଅଭିଯୋଗ କରି ଶ୍ରମିକ ଅଶାନ୍ତି ଦେଖାଦେଇଛି। ଛଟେଇ ଶ୍ରମିକମାନେ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ମିଲ୍ ଫାଟକ ସମ୍ମୁଖରେ ଶନିବାରଠାରୁ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଶ୍ରମିକମାନଙ୍କୁ ନିୟମିତ ମଜୁରୀ, ବୋନସ୍ ଆଦିପ୍ରଦାନ କରାଯାଉ ନ ଥିଲା। ସେମାନେ ହକ୍ ପାଇଁ ବାରମ୍ବାର ମିଲ୍ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଶ୍ରମ ଅଧିକାରୀଙ୍କୁ ଜଣାଇ ଆସୁଥିଲେ। କୌଣସି ସମାଧାନ କରା ନ ଯାଇ ଛଟେଇ କରିଥିବା ନେଇ ଭଦ୍ରକ ବ୍ୟବସାୟୀ ମଜଦୁର ସଂଘ(ବିଏମ୍ଏସ୍ ଅନୁବନ୍ଧିତ) ବିରୋଧ କରିବା ସହ ନିନ୍ଦା କରିଛି। ସଂଘ ସହଯୋଗରେ ଶ୍ରମିକମାନେ ଛଟେଇ ପ୍ରତିବାଦରେ ଏକ ଅଭିଯୋଗପତ୍ର ଜିଲା ଶ୍ରମ ଅଧିକାରୀ ଓ ଡିଭିଜନାଲ ଲେବର କମିଶନରଙ୍କୁ ପ୍ରଦାନ କରିଛନ୍ତି। ଶ୍ରମିକଙ୍କ ସହ ଭାରତୀୟ ମଜଦୁର ସଂଘ ସାମିଲ ହୋଇଛି। ଛଟେଇ ନିଷ୍ପତ୍ତି ବାତିଲ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଚେତାବନୀ ଦିଆଯାଇଛି। ମଜଦୁର ସଂଘର ସଭାପତି ମନୋଜ ବସନ୍ତରାୟ, ସଙ୍ଗଠନ ସମ୍ପାଦକ ପରେଶ ନାଥ ଧଳ, ମିଲ୍ ଶ୍ରମିକ ସଂଘର ଉପସଭାପତି ଶୈଳେନ୍ଦ୍ର ମହନ୍ତ, ଶଙ୍କର ଦତ୍ତ, ସଞ୍ଜୀବ ରୋହାନୀ, ଦଶରଥ ମାହାନା, ଉପେନ୍ଦ୍ର ମାହାନା, ନବକିଶୋର ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ହୋମଗାର୍ଡଙ୍କ ବିରୋଧରେ ମାମଲା

**କୁଆମରା, ୨୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ସାଇଁକୁଳାସ୍ଥିତ କୁଣ୍ଡାପଡା ଗ୍ରାମର ଅଶ୍ୱିନୀ କୁମାର ଦେ ନାମକ ବ୍ୟବସାୟୀ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କ ବିରୋଧରେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୧/୨୧) ରୁଜୁ ହୋଇଛି।

ଗତ ୩୧ତାରିଖ ସନ୍ଧ୍ୟାରେ ଅଶ୍ୱିନୀଙ୍କ ସହ ଉକ୍ତ ହୋମଗାର୍ଡଙ୍କ ଗଣ୍ଡଗୋଳ ହୋଇଥିଲା। ସେ ଅଶ୍ୱିନୀଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ମନ୍ଦିର ହୁଣ୍ଡିରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି

**ବାଲେଶ୍ୱର ଅଫିସ, ୨୧୧**

ବାଲେଶ୍ୱର ବଳରାମଗଡ଼ିସ୍ଥିତ ମେରାଇନ୍ ଥାନା ଅଧୀନରେ ଥିବା ଗଙ୍ଗାମାତା ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ହୁଣ୍ଡି ଭାଙ୍ଗି ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରିନେଇଥିବା ମେରାଇନ୍ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ. ୧/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ମେରାଇନ ଥାନା ଅଧିକାରୀ ଗୋପାଳ ସିଂ କହିଛନ୍ତି, ହୁଣ୍ଡି ବାକ୍ସ ଦୀର୍ଘଦିନ ଧରି ଖୋଲାଯାଇ ନ ଥିଲା। କମିଟି ସଦସ୍ୟଙ୍କ ନିଷ୍ପତ୍ତି ଅନୁସାରେ ଗଙ୍ଗାସାଗର ମେଳା ସମୟରେ ହୁଣ୍ଡି ଖୋଲାଯାଇ ମେଳା କାର୍ଯ୍ୟରେ ଲାଗିବାର ଯୋଜନା ଥିଲା। ଅଧିକ ଅର୍ଥ ଥିବାର ଦୁର୍ବୃତ୍ତମାନେ ଜାଣିପାରି ହୁଣ୍ଡିକୁ ଭାଙ୍ଗି ଟଙ୍କା ନେଇଯାଇଛନ୍ତି। ଗଙ୍ଗାମାତାଙ୍କର କୌଣସି ଗହଣା କିମ୍ବା ଅନ୍ୟାନ୍ୟ ଆସବାବପତ୍ର ନେଇ ନାହାନ୍ତି।

## ପ୍ରଥମ ପର୍ଯ୍ୟାୟରେ ଟିକା ନେବେ ୧୮,୪୨୪

**ବାରିପଦା ଅଫିସ,୨୧୧**

ମୟୂରଭଞ୍ଜ ଜିଲାରେ କୋଭିଡ ଟିକାର ବ୍ୟବହାର ପାଇଁ ଡ୍ରାଏ ରନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ବାରିପଦାର ଟିକା ଭଣ୍ଡାରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ରୂପଭାନୁ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ବାରିପଦାସ୍ଥିତ ଜିଲା ସ୍ତରୀୟ ଟିକା ଭଣ୍ଡାରରେ ଏହି ଡ୍ରାଏ ରନ୍ କରାଯାଇଛି। ଟିକାଦାନ ଆରମ୍ଭ ପୂର୍ବରୁ ଦେଖାଦେବାକୁ ଥିବା ତ୍ରୁଟି ବିଚ୍ୟୁତି ସୁଧାରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶ ଅନୁସାରେ କୋ-ୱିନ ୱେବ ପୋର୍ଟାଲ ଜରିଆରେ ଡ୍ରାଏ ରନ କରାଯାଇଛି।


ଡ୍ରାଏ ରନ୍ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ।

ଏଥିପାଇଁ ପ୍ରତି ସାଇଟରେ ୨୫ଜଣ ଲେଖାଏଁ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଗ୍ରହଣ ପାଇଁ ପଞ୍ଜିକୃତ କରିବା, ପ୍ରତି ଟିକାଦାନ କେନ୍ଦ୍ରରେ ଟିକାଦାତାଙ୍କ ସହିତ ୫ଜଣିଆ ଟିମ୍, କାର୍ଯ୍ୟ ପରିଚାଳନା ଓ ଟିକାଗ୍ରହଣ ପରେ ୩୦ମିନିଟ ନିରିକ୍ଷଣରେ ରଖାଯିବା ବ୍ୟବସ୍ଥା ସମ୍ପର୍କରେ ଡ଼ା. ଶ୍ରୀ ମିଶ୍ର ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଜିଲାରେ ମୋଟ ୧୮,୪୨୪ଜଣଙ୍କୁ

### ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାକରଣ ଡ୍ରାଏ ରନ୍

ପ୍ରଥମ ପର୍ଯ୍ୟାୟରେ ଟିକା ଦିଆଯିବାକୁ ଥିବା ବେଳେ ଜିଲାର ୨୬ବ୍ଲକରେ ୮୧୮ କେନ୍ଦ୍ର ମାଧ୍ୟମରେ ଦିଆଯିବ। ଏଥିପାଇଁ ୨,୧୭୯ଜଣ କର୍ମଚାରୀ ନିୟୋଜିତ ହେବା ସହିତ ପ୍ରତି ବ୍ୟକ୍ତିଙ୍କ ଡାଟା ଅନଲାଇନ ମାଧ୍ୟମରେ ସଂରକ୍ଷିତ ରଖାଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ ଡାକ୍ତର ସୁନନ୍ଦା ମିଶ୍ର, ଡାକ୍ତର ଜ୍ଞାନେନ୍ଦ୍ର କୁମାର ମହାନ୍ତି ଓ ଏଡିପିଏସିଓ ବିଶିକେସନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

WANTED IMMEDIATELY
B.Com with Computer Knowledge. 3 Year Experience in GROCERY MALL, At: Nayagarh.
Contact: Ranjan Kumar Prusty
Mob.: 9437052895 7978444056

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, BURLA
Lifeline of Odisha No.- CAD-1008 CIN:U40102OR2004SGC007553
TENDER CALL NOTICE NO.BRL-26/2020-21
Tenders for Hiring of vehicles at 04 offices under the jurisdiction of EHT (O&M) Circle, Burla. Sale of tender paper starts from:04.01.2021. For Detail specification/corrigendum please visit: www.optcl.co.in.
Sd/-General Manager (EL) EHT (O&M) Circle, Burla
FIPR- 56/2020-21 OIPR-04011/11/0088/2021

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

